# NATIONAL NEWS BULLETIN (ODIA)
## 13th September - 2026
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢ଼ୁଛନ୍ତି..... **ସୁବାସ ଚନ୍ଦ୍ର ଶତପଥୀ**

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଉଦ୍‌ଯାପିତ ହେଲା ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀ ।

— ବ୍ରିକ୍ସ ରାଷ୍ଟ୍ରସମୂହ ବିଶ୍ୱର ବିଭିନ୍ନ ସମସ୍ୟା ସମାଧାନର ଏକ ମାଧ୍ୟମ; କହିଲେ ପ୍ରଧାନମନ୍ତ୍ରୀ ।

- ବିଭିନ୍ନ ଦେଶର ଶୀର୍ଷ ନେତୃତ୍ୱଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଦ୍ୱିପାକ୍ଷିକ ବୈଠକ ।

- ମୁମ୍ବାଇଠାରେ ଆସନ୍ତାକାଲି ଷଷ୍ଠ ଭାରତୀୟ ରାଜଭାଷା ସମ୍ମିଳନୀରେ ଯୋଗଦେବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ଇଣ୍ଡୋନେସିଆରେ ଜାହାଜ ବୁଡ଼ି ଘଟଣାରେ ୬ ଜଣଙ୍କ ମୃତ୍ୟୁ, ୧୩୦ ନିଖୋଜ ।

ଏବଂ

- କନିଷ୍ଠ ଏସିଆ କପ୍ ହକି ଟୁର୍ଣ୍ଣାମେଣ୍ଟରେ ଉଭୟ ଭାରତୀୟ ପୁରୁଷ ଓ ମହିଳା ଦଳ ଟାଇଟଲ୍ ବିଜୟୀ ।

## ବ୍ରିକ୍ସ ସମ୍ମିଟ୍ କନ୍‌କ୍ଲୁଡ୍‌ସ

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଚାଲିଥିବା ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀ ଆଜି ଶେଷ ହୋଇଛି । ଏଥିରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ବ୍ରିକ୍ସର ବିବିଧତା ତା'ର ପରିଚୟ ଏବଂ ପରସ୍ପର ମଧ୍ୟରେ ସହଯୋଗ ତା'ର ପ୍ରେରଣାହେବା ଉଚିତ । ଦୁଇଦିନିଆ ଶିଖର ସମ୍ମିଳନୀର ଉଦ୍‌ଯାପନୀ ଦିବସରେ ପ୍ରଧାନମନ୍ତ୍ରୀ କହିଛନ୍ତି, ବ୍ରିକ୍ସ କେବଳ ରାଷ୍ଟ୍ରଗୁଡ଼ିକର ସମୂହ ନୁହେଁ; ବରଂ ବିଶ୍ୱର ବିଭିନ୍ନ ସମସ୍ୟା ସମାଧାନର ଏକ ମାଧ୍ୟମ । ଗତ ଦୁଇଦିନ ଧରି ଚାଲିଥିବା ଆଲୋଚନା ଏହି ବିଶ୍ୱାସକୁ ଅଧିକ ସୁଦୃଢ଼ କରିଛି । ଶ୍ରୀ ମୋଦି କହିଛନ୍ତି, ଶିଖର ସମ୍ମିଳନୀରେ ଗୃହୀତ ହୋଇଥିବା 'ନୂଆଦିଲ୍ଲୀ ଘୋଷଣାନାମା' ଭବିଷ୍ୟତ ସହଯୋଗପାଇଁ ଦିଗ୍‌ଦର୍ଶନ ଦେବ । ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ସମବେତ ଭାବେ କାର୍ଯ୍ୟକରି ବ୍ରିକ୍ସ ଢାଞ୍ଚାକୁ ଆଗେଇନେବା ଦିଗରେ ସହାୟକ ହେବେ ବୋଲି ଶ୍ରୀ ମୋଦି କହିଛନ୍ତି

***Voice (PM)*** :.......

ପ୍ରଧାନମନ୍ତ୍ରୀ କହିଛନ୍ତି, ମହାମାରୀ, ଜଳବାୟୁ ବିପର୍ଯ୍ୟୟ ଏବଂ ଯୋଗାଣ ଶୃଙ୍ଖଳ ବ୍ୟାହତ ହେବା ଦର୍ଶାଇଛି ଯେ ପରସ୍ପର ସଂଯୁକ୍ତ ବିଶ୍ୱରେ କୌଣସି

ସଙ୍କଟ କେବଳ ଗୋଟିଏ ଅଞ୍ଚଳ ମଧ୍ୟରେ ସୀମିତ ହୋଇ ରହେ ନାହିଁ । ବ୍ରିକ୍ସ ରାଷ୍ଟ୍ରସମୂହଙ୍କ ମଧ୍ୟରେ ସ୍ଥିରତା ବୃଦ୍ଧି କରିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି ।

## ପି.ଏମ୍. - ବାଇ ଲାଟେରାଲ୍ସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ବିଶ୍ୱ ନେତାମାନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ଶ୍ରୀ ମୋଦି କାଜାଖସ୍ତାନର ରାଷ୍ଟ୍ରପତି କାସିମ୍ ଜୋମାର୍ଟ ଟୋକାୟେଭ୍‌ଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ' ଅଗ୍ରଗତିର ସମୀକ୍ଷା କରିଥିଲେ । ପ୍ରଧାନମନ୍ତ୍ରୀ' କାଜାଖସ୍ତାନ ସହ ଭାରତର ପୁରାତନ ସଭ୍ୟତାଗତ ସମ୍ପର୍କ ରହିଥିବା ବର୍ଣ୍ଣନା କରିଥିବାବେଳେ ନିକଟ ଅତୀତରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ ଉନ୍ନତି ଘଟିଥିବା କହିଛନ୍ତି । ଉଭୟ ନେତାଙ୍କ ମଧ୍ୟରେ ରାଜନୀତି, ବାଣିଜ୍ୟ, ପ୍ରତିରକ୍ଷା, ସୁରକ୍ଷା, ଯୋଗାଯୋଗ, ଶକ୍ତି, ଗୁରୁତ୍ୱପୂର୍ଣ୍ଣ ଖଣିଜପଦାର୍ଥ, ପ୍ରଯୁକ୍ତିବିଦ୍ୟା ଆଦି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ଉଭୟଙ୍କ ମଧ୍ୟରେ ବିଭିନ୍ନ ଆଞ୍ଚଳିକ ଓ ଆନ୍ତର୍ଜାତିକ ବିକାଶ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା ।

ପ୍ରଧାନମନ୍ତ୍ରୀ ଇଜିପ୍ଟର ରାଷ୍ଟ୍ରପତି ଆବ୍‌ଦେଲ୍ ଫତାହ ଏଲ୍-ସିସି'ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ

ମୋଦି କହିଛନ୍ତି, ଉଭୟ ନେତା ଆଞ୍ଚଳିକ ବିକାଶମୂଳକ ପ୍ରସଙ୍ଗ ଏବଂ ଭାରତ-ଇଜିପ୍ଟ ଭାଗିଦାରିତା ସମ୍ପର୍କ ନେଇ ଆଲୋଚନା କରିଥିଲେ, ଯାହାକି ସାମ୍ପ୍ରତିକ ସମୟରେ ଉଭୟ ଦେଶ ମଧ୍ୟରେ ସମ୍ପର୍କ ବୃଦ୍ଧିରେ ସହାୟକ ହୋଇପାରିଛି ।

ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋଓ୍ୱୋ ସୁବିଏଣ୍ଟୋଙ୍କ ସହ ହୋଇଥିବା ଆଲୋଚନା ସମ୍ପର୍କରେ ଶ୍ରୀ ମୋଦି କହିଛନ୍ତି, ଉଭୟ ଦେଶ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ମଧ୍ୟରେ ରହିଥିବା ଭାଗିଦାରି ସମ୍ପର୍କକୁ ସୁଦୃଢ଼ କରିବା ଜାରି ରଖିବେ ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି' ଫିଲିପାଇନ୍ସ ରାଷ୍ଟ୍ରପତି ଫର୍ଡିନାଣ୍ଡ ଆର୍. ମାର୍କୋସ୍‌ଙ୍କ ସହ ସାକ୍ଷାତ୍ ଆଲୋଚନା କରିଥିଲେ । ବ୍ରିକ୍ସ ସମ୍ମିଳିନୀରେ ଫିଲିପାଇନ୍ସର ଅଂଶଗ୍ରହଣକୁ ଶ୍ରୀ ମୋଦି ସ୍ୱାଗତ ଜଣାଇଥିଲେ । ଉଭୟ ନେତା ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ସୁଦୃଢ଼ କରିବା ନେଇ ସହମତି ପ୍ରକାଶ କରିଥିଲେ । ଉଭୟ ପ୍ରତିରକ୍ଷା, ସୁରକ୍ଷା, ବାଣିଜ୍ୟ, ପୁଞ୍ଜିନିବେଶ, ମହାକାଶ, ରେଳ ଭିତ୍ତିଭୂମି, ଫିନ୍‌ଟେକ୍, ଶିକ୍ଷା, ପର୍ଯ୍ୟଟନ, ପ୍ରଯୁକ୍ତିବିଦ୍ୟା ଆଦି କ୍ଷେତ୍ରରେ ସମନ୍ୱୟ ସୁଦୃଢ଼ କରିବା ନେଇ ଆଲୋଚନା କରିଥିଲେ ।

ପ୍ରଧାନମନ୍ତ୍ରୀ ଉଗାଣ୍ଡାର ଉପରାଷ୍ଟ୍ରପତି ଜେସିକା ରୋଜ୍ ଏପେଲ୍ ଆଲୁପୋ, ଦକ୍ଷିଣ ଆଫ୍ରିକା ଓ ବୁରୁଣ୍ଡିର ରାଷ୍ଟ୍ରପତି ଏବଂ ନାଇଜେରିଆ ଉପରାଷ୍ଟ୍ରପତିଙ୍କ ସହ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ସୁଦୃଢ଼ କରିବା

ନେଇ ଆଲୋଚନା କରିଛନ୍ତି । ବ୍ରିକ୍ସ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ବିଭିନ୍ନ ରାଷ୍ଟ୍ରମୁଖ୍ୟମାନଙ୍କ ସହ ୧୫ଟି ଦ୍ୱିପାକ୍ଷିକ ବୈଠକ କରିଛନ୍ତି ।

## ସୀତାରମଣ - କୁଚ୍‌କାରୋଭ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ଉଜ୍‌ବେକିସ୍ତାନର ଉପପ୍ରଧାନମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ଜାମ୍‌ଶିଦ୍ କୁଚ୍‌କାରୋଭ୍‌ଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀମତୀ ସୀତାରମଣ କହିଛନ୍ତି, ଆଲୋଚନା କାଳରେ ଦ୍ୱିପାକ୍ଷିକ ଅର୍ଥନୈତିକ ସହଯୋଗ ସୁଦୃଢ଼ କରିବା ନେଇ ଉଭୟଙ୍କ ମଧ୍ୟରେ ସହମତି ପ୍ରକାଶ ପାଇଛି । ଉଭୟ ନେତା ଦ୍ୱିପାକ୍ଷିକ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗରେ ମତ ବିନିମୟ କରିଥିଲେ ।

## ଶାହା - ହିନ୍ଦୀ ଦିବସ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତାକାଲି ମୁମ୍ବାଇଠାରେ ହିନ୍ଦୀ ଦିବସର ଉଦ୍‌ଘାଟନୀ ଅଧିବେଶନ ଏବଂ ଷଷ୍ଠ ସର୍ବଭାରତୀୟ ରାଜଭାଷା ସମ୍ମିଳନୀରେ ଉଦ୍‌ବୋଧନ ଦେବେ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ରାଜଭାଷା ବିଭାଗ ଦ୍ୱାରା ଆୟୋଜିତ ଏହି ଦୁଇଦିନିଆ ସମ୍ମିଳନୀରେ ବହୁସଂଖ୍ୟକ ଶିକ୍ଷାବିତ୍, ସାହିତ୍ୟିକ, ବିଦ୍ୟାର୍ଥୀ ଏବଂ ବରିଷ୍ଠ ସରକାରୀ ଅଧିକାରୀମାନେ

ଯୋଗଦେବେ । କାର୍ଯ୍ୟକ୍ରମରେ ହିନ୍ଦୀ ଭାଷାକୁ ପ୍ରୋତ୍ସାହିତ କରିବା ଏବଂ ଏହାକୁ ଭାରତର ଅନ୍ୟାନ୍ୟ ଭାଷା ସହ ସମନ୍ୱୟ ରଖିବାର ପ୍ରୟାସ କରିବା ଲାଗି ଆଲୋଚନା ହେବ । ଉଦ୍‌ଘାଟନୀ ଅଧିବେଶନରେ ଶ୍ରୀ ଶାହା ୨୦୨୪-୨୬ ବର୍ଷ ଲାଗି ରାଜଭାଷା ଗୌରବ ଏବଂ ରାଜଭାଷା କୀର୍ତ୍ତି ପୁରସ୍କାର ପ୍ରଦାନ କରିବେ । ହିନ୍ଦୀ ଭାଷାର ପ୍ରୋତ୍ସାହନ ଏବଂ କାର୍ଯ୍ୟକାରୀ କ୍ଷେତ୍ରରେ ଅନନ୍ୟ ଅବଦାନ ଥିବା ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ । ସ୍ୱତନ୍ତ୍ର ଅଧିବେଶନରେ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍' ଗାନ କରାଯିବ । ସମ୍ମିଳନୀରେ ବନ୍ଦେ ମାତରମ୍‌କୁ ନେଇ ରାଜଭାଷା ଭାରତୀ ସ୍ୱତନ୍ତ୍ର ସଂଖ୍ୟା ସମେତ ବହୁସଂଖ୍ୟକ ପୁସ୍ତକ ମଧ୍ୟ ଉନ୍ମୋଚିତ ହେବାର କାର୍ଯ୍ୟସୂଚୀ ରହିଛି ।

## ଶାହା - ସେବା ଅଭିଯାନ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସମଗ୍ର ଦେଶରେ ଆସନ୍ତା ୧୭ ତାରିଖରୁ ଅକ୍ଟୋବର ୧୭ ତାରିଖ ପର୍ଯ୍ୟନ୍ତ ଭାରତୀୟ ଜନତା ପାର୍ଟି କର୍ମୀ, ଏନ୍.ଡି.ଏ. ଅଂଶୀଦାର ଦଳ ଏବଂ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକ 'ସେବା ସଙ୍କଳ୍ପ ଅଭିଯାନ' କରିବେ ବୋଲି ଆଜି ଘୋଷଣା କରିଛନ୍ତି । ମୁମ୍ବାଇଠାରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଶାହା କହିଛନ୍ତି, ଜନ ଭାଗିଦାରୀ ମାଧ୍ୟମରେ ବିକଶିତ ଭାରତର ଲକ୍ଷ୍ୟ ପୂରଣ କରିବା ଲାଗି ଏହି ଅଭିଯାନର ଲକ୍ଷ୍ୟ

ରହିଛି । ସେପ୍ଟେମ୍ବର ୧୭ ତାରିଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ ହୋଇଥିବାବେଳେ ଅକ୍ଟୋବର ମାସ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀ ଭାବେ ଜନସେବା କ୍ଷେତ୍ରରେ ୨୫ ବର୍ଷ ପୂରଣ ହେଉଛି । ଶ୍ରୀ ଶାହା' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱକ୍ରମେ ଏନ୍.ଡି.ଏ. ସରକାରଙ୍କ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଭିତ୍ତିଭୂମି, ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକଳାପର ଅବତାରଣା କରିଥିଲେ ।

## ଶାହା - ମୁମ୍ବାଇ ଭିଜିଟ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଭାରତୀୟ ରତ୍ନ ଏବଂ ଅଳଙ୍କାର ଶିଳ୍ପକୁ ଆହ୍ୱାନ ଦେଇ କହିଛନ୍ତି, ପ୍ରୟୋଗଶାଳାରୁ ଉତ୍ପାଦିତ ହେଉଥିବା ହୀରାର ବିନିର୍ମାଣ ଶୃଙ୍ଖଳା ସମ୍ପୂର୍ଣ୍ଣରୂପେ ଭାରତୀୟଙ୍କ ନିକଟରେ ରହିଛି । ମୁମ୍ବାଇରେ ୫୨ତମ ଭାରତୀୟ ରତ୍ନ ଏବଂ ଅଳଙ୍କାର ପୁରସ୍କାର ପ୍ରଦାନ ଉତ୍ସବରେ ଯୋଗଦେଇ ଶ୍ରୀ ଶାହା କହିଛନ୍ତି, ପ୍ରୟୋଗଶାଳାରେ ଉତ୍ପାଦିତ ହେଉଥିବା ହୀରାରେ ବ୍ୟାବସାୟିକ ସ୍ୱରୂପ ପରିବର୍ତ୍ତିତ ହେଉଛି । ଏହା ଭାରତପାଇଁ ଏକ ପର୍ଯ୍ୟାପ୍ତ ସୁଯୋଗ ବୋଲି ସେ କହିଛନ୍ତି । ଶ୍ରୀ ଶାହା କହିଛନ୍ତି, ଭାରତ ନିକଟରେ ଥିବା ଭିତ୍ତିଭୂମି, କ୍ଷମତା, ପୁଞ୍ଜି, ଉଦ୍ୟମିତା ପ୍ରତିଭାକୁ ଉପଯୁକ୍ତ ସୁଯୋଗ ପ୍ରଦାନର ଆବଶ୍ୟକତା ରହିଛି । ଗତକାଲି ଶ୍ରୀ ଶାହା 'ଶ୍ରୀଗଣେଶ

ଜ୍ଞାନରାତ୍ରି’ ଶୀର୍ଷକ ପାଣ୍ଡୁଲିପିର ଏକ ବିଶେଷ ପ୍ରଦର୍ଶନର ଉଦ୍‌ଘାଟନ କରିଥିଲେ ।

## ଜିତେନ୍ଦ୍ର ସିଂହ - ସି.ଇ.ପି.ଆଇ. କାଉନ୍‌ସିଲ୍

କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ମହାମାରୀ ପରିଚାଳନାରେ ଭାରତ ବହୁ ଆଗକୁ ଗତି କରିଛି । ମହାମାରୀ ଦମନ ପାଇଁ ପ୍ରତିଷେଧକ ଟିକା ପ୍ରସ୍ତୁତି କ୍ଷେତ୍ରରେ ଭାରତର ବୈଜ୍ଞାନିକ ଦକ୍ଷତା ବିଶ୍ୱ ସ୍ତରରେ ପ୍ରମାଣିତ ହୋଇଛି । ମହାମାରୀ ନିରାକରଣ କ୍ଷେତ୍ରରେ ନବସୃଜନ ଏବଂ ପୁଞ୍ଜି ବିନିଯୋଗକାରୀ ପରିଷଦ ତରଫରୁ ନୂଆଦିଲ୍ଲୀରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ଡକ୍ଟର ସିଂହ ଯୋଗ ଦେଇଛନ୍ତି । ଚିକିତ୍ସା କ୍ଷେତ୍ରରୁ ଉତ୍ପନ୍ନ ବର୍ଜ୍ୟବସ୍ତୁରୁ ଜନସ୍ୱାସ୍ଥ୍ୟ ପ୍ରତି ସୃଷ୍ଟି ହେଉଥିବା ବିପଦକୁ ଭାରତ ପ୍ରତିହତ କରିପାରିବ ବୋଲି ଶ୍ରୀ ସିଂହ କହିଛନ୍ତି । ଭବିଷ୍ୟତର ମହାମାରୀର ମୁକାବିଲା କରିବାପାଇଁ ସରକାର, ଗବେଷକ ଏବଂ ଶିଳ୍ପକ୍ଷେତ୍ର ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ କାର୍ଯ୍ୟ କରିବାକୁ ଶ୍ରୀ ସିଂହ ପରାମର୍ଶ ଦେଇଛନ୍ତି ।

## ଇଣ୍ଡୋନେସିଆ - ଫେରୀ

ଇଣ୍ଡୋନେସିଆର ଜାଭା ସମୁଦ୍ରରେ ଆଜି ଏକ ଜାହାଜବୁଡ଼ି ଘଟଣାରେ ୬ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୩୦ ଜଣ ଯାତ୍ରୀ ଏବଂ କ୍ରିୟୁ ସଦସ୍ୟ ନିଖୋଜ ଥିବା ଜଣାପଡ଼ିଛି । ୨୪୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଯାଉଥିବା ଜାହାଜଟି ପ୍ରତିକୂଳ ପାଣିପାଗ ଯୋଗୁଁ ଓଲଟି ପଡ଼ିଥିବା ଜଣାଯାଇଛି । ଇଣ୍ଡୋନେସିଆ ଉଦ୍ଧାରକାରୀ ଦଳଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏପର୍ଯ୍ୟନ୍ତ ୧୦୭ ଜଣଙ୍କୁ ଉଦ୍ଧାର କରାଯାଇଛି । ଅନ୍ୟମାନଙ୍କୁ ଉଦ୍ଧାର କରିବାଲାଗି ପ୍ରୟାସ ଜାରି ରହିଛି । ଜାହାଜଟି ପୂର୍ବ ଜାଭାରୁ ଦକ୍ଷିଣ କାଲିମାଣ୍ଟନ ଯାତ୍ରା କରୁଥିଲା ।

## ହକି

ଚୀନ୍‌ର ମୋକିଠାରେ ଚାଲିଥିବା କନିଷ୍ଠ ଏସିଆ କପ୍ ହକି ଟୁର୍ଣ୍ଣାମେଣ୍ଟରେ ଉଭୟ ଭାରତୀୟ ପୁରୁଷ ଓ ମହିଳା ଦଳ ଟାଇଟଲ୍ ହାସଲ କରିଛନ୍ତି । ଭାରତୀୟ ପୁରୁଷ ଦଳ ଦକ୍ଷିଣ କୋରିଆକୁ ୪-୧ ଗୋଲ୍‌ରେ ପରାସ୍ତ କରି ବିଜୟ ହାସଲ କରିଛି । ଭାରତ ପକ୍ଷରୁ ଅଜିତ ଯାଦବ, ଅନମୋଲ୍ ଏକ୍କା, ପ୍ରଭ୍‌ଦୀପ ସିଂହ ଏବଂ ଆଶୁ ମୌର୍ଯ୍ୟ ଗୋଟିଏ ଲେଖାଏଁ

ଗୋଲ୍ ଦେଇଛନ୍ତି । ଭାରତ ଚତୁର୍ଥ ଥରପାଇଁ ଏହି ବିଜୟ ହାସଲ କରିଛି । ପୂର୍ବରୁ ୨୦୧୫, ୨୦୨୩ ଏବଂ ୨୦୨୪ରେ ଭାରତୀୟ ପୁରୁଷ ଦଳ ଜୁନିୟର ଏସିଆ କପ୍ ଟାଇଟଲ୍ ହାସଲ କରିଥିଲା ।

ସେହିପରି ଭାରତୀୟ ମହିଳା ଦଳ ଚୀନ୍‌କୁ ଫାଇନାଲ୍‌ରେ ୧-୦ ଗୋଲ୍‌ରେ ପରାସ୍ତ କରି ଟାଇଟଲ୍ ହାସଲ କରିଛି । ଭାରତ ପକ୍ଷରୁ ସାନିକା ଚନ୍ଦ୍ରକାନ୍ତ ମାନେ ୧୭ତମ ମିନିଟ୍‌ରେ ଗୋଟିଏ ଗୋଲ୍ ସ୍କୋର କରି ଏହି ବିଜୟ ହାସଲ କରିଥିଲେ ।

## ଟି୍ୱେଣ୍ଟି-ଏସିଆ କପ୍

ଟି-ଟ୍ୱେଣ୍ଟି ମହିଳା ଏସିଆ କପ୍ କ୍ରିକେଟ୍ ଫାଇନାଲ୍‌ରେ ଆଜି ଦୁବାଇରେ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ସମୟ ରାତି ୮ଟାରେ ମ୍ୟାଚ୍ ଆରମ୍ଭ ହେବ । ୭ ଥରର ଚାମ୍ପିୟନ୍ ଭାରତ ଗ୍ରୁପ୍-ଏ'ର ଶ୍ରେଷ୍ଠ ପ୍ରଦର୍ଶନକାରୀ ଦଳ ଭାବେ ସମସ୍ତ ମ୍ୟାଚ୍‌ରେ ବିଜୟ ହାସଲ କରି ଫାଇନାଲ୍‌ରେ ପହଞ୍ଚିଛି । ମହିଳା ଏସିଆ କପ୍ କ୍ରିକେଟ୍ ଇତିହାସରେ ଭାରତ ୭ ଥର ଟାଇଟଲ୍ ଜିତିଥିବାବେଳେ ୨୦୨୪ରେ ଶ୍ରୀଲଙ୍କା ଭାରତକୁ ପରାସ୍ତ କରି ଚାମ୍ପିୟନ୍ ହୋଇଥିଲା ।

# ପାରା ବ୍ୟାଡ୍‌ମିଣ୍ଟନ

ଜାପାନରେ ଚାଲିଥିବା ଟୋକିଓ ପାରା ଅଲିମ୍ପିକ୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଆଜି ଭାରତର ପ୍ରମୋଦ ଭଗତ ପୁରୁଷ ସିଙ୍ଗଲ୍‌ସ ଏସ୍.ଏଲ୍.-ଥ୍ରୀ ବର୍ଗରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ସେହିପରି ପୁରୁଷ ଡବଲ୍‌ସ ଏସ୍.ଏଲ୍.-ଥ୍ରୀ-ଏସ.ୟୁ.-ଫାଇଭ୍‌ରେ ସୁକାନ୍ତ କଦମ ରୌପ୍ୟ ପଦକ ହାସଲ କରିଛନ୍ତି ।

*****